To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ

SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ମକର ସଂକ୍ରାନ୍ତି ଅଭିନନ୍ଦନ

R.N.I. No.-42041/83 Vol-15, Issue No.195, ଭଦ୍ରକ, ରବିବାର, ୧୪, ଜାନୁୟାରୀ ୨୦୧୮ ■ Bhadrak, Sunday, 14 January 2018 Rs. 2.00 Pages-8

ଶ୍ୱଶୁର ନା ପିଶାଚ !

ବୋହୂକୁ ଶ୍ୱଶୁରର ଦୁଷ୍କର୍ମ, ପୋଡି ହତ୍ୟା ଉଦ୍ୟମ

- ଗୁରୁତର ଅବସ୍ଥାରେ ବୋହୂକୁ ଡାକ୍ତରଖାନାରେ ଭର୍ତ୍ତି
- ଅଭିଯୁକ୍ତ ଶ୍ୱଶୁର ଅଟକ, ପୋଲିସର ତଦନ୍ତ ଜାରି
- ଶ୍ୱଶୁରଙ୍କୁ ନିର୍ଦ୍ଧୂମ୍ ପିଟିଲେ ବୋହୂଘର ଲୋକେ

ରାଇରଙ୍ଗପୁର, ୧୩।୧ (ସକାଳ ଖବର): ବୋହୂକୁ ଶ୍ୱଶୁରର ଦୁଷ୍କର୍ମ ଓ ପରେ କଥା ପ୍ରଘଟ ହେବା ଆଶଙ୍କାରେ ପୋଡି ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ବୋହୂକୁ ଜାମସେଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ୫ନଂ ୱାର୍ଡ ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ଲେନ୍ ରେ ଘଟିଛି ଏହି ଅଭାବନୀୟ ଘଟଣା । ଅଭିଯୁକ୍ତ ଶ୍ୱଶୁରକୁ ଜାମସେଦପୁର ବିଷ୍ଣୁପୁର ଥାନା ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି । ଅଭିଯୋଗ ଅନୁଯାୟୀ, ଗତକାଲି ଘରେ କେହି ନଥିବା ବେଳେ ଏହାର ସୁଯୋଗ ନେଇ ଶ୍ୱଶୁର ରାମଗୋପାଲ ଖେମକା ବୋହୂ ରିୟାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲା । ପରେ କଥା ପ୍ରଘଟ ହେବା ଆଶଙ୍କା କରି ବୋହୂକୁ କିରୋସିନି ଢ଼ାଳି ହତ୍ୟା ଉଦ୍ୟମ କରିଥିଲା । ବୋହୂ ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ଅବିନାଶ ଖେମକା ବଂଚାଇବାକୁ ଆସି ସାମାନ୍ୟ ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ବୋହୂକୁ ପ୍ରଥମେ ରାଇରଙ୍ଗପୁର ମେଡିକାଲ ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ଜାମସେଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ଶରୀରର ପ୍ରାୟ ୯୫ ପ୍ରତିଶତ ପୋଡି ଯାଇଛି । ଶ୍ୱଶୁରଙ୍କ କୁକର୍ମ ଜଣାପଡିବା ପରେ ମହିଳାଙ୍କ ବାପଘର ଲୋକେ ତାଙ୍କୁ ନିର୍ଦ୍ଧୁମ ପିଟିଥିବା ଜଣାପଡିଛି । ପୀଡ଼ିତାଙ୍କ ମାଆଙ୍କ ଏତଲାକୁ ଭିତି କରି ପୋଲିସ ଆଇପିସିର ଧାରା ୪୯୮(ଏ), ୩୦୭, ୩୭୬ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଅଭିଯୁକ୍ତ ଶ୍ୱଶୁରକୁ ଜାମସେଦପୁର ବିଷ୍ଣୁପୁର ଥାନା ପୋଲିସ ଅଟକ ରଖି ପଚରାଉଚୁରା ଚଳାଇଛି । ଅନ୍ୟପକ୍ଷରେ ରାଇରଙ୍ଗପୁର ଟାଉନ୍ ଥାନା ପୋଲିସ ମଧ୍ୟ ଏ ସଂକ୍ରାନ୍ତରେ ୬/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ରାଇରଙ୍ଗପୁର ପୋଲିସର ଏକ ଟିମ୍ ରିୟାଙ୍କ ବାପଘର ଜାମସେଦପୁର ଯାଇ ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି ।

୨ ଶାବକଙ୍କୁ ଜନ୍ମ ଦେଲା 'ଅଙ୍କିତା'

ଭୁବନେଶ୍ୱର, ୧୩।୧ (ସକାଳ ଖବର):- ଭୁବନେଶ୍ୱର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ୨ଟି ନୂଆ ଅତିଥି ଆସିଛନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟା ୪୦ ମିନିଟରେ ବାଘୁଣୀ ଅଙ୍କିତା ୨ଟି ଛୁଆ ଜନ୍ମ ଦେଇଛି। ତେବେ ଜନ୍ମ ନେଇଥିବା ୨ ବାଘ ଶାବକ ମାଇ କି ଅଣ୍ଡିରା ତାହା ଜଣାପଡିନାହିଁ । ନିଜ ଜନ୍ମଦିନରେ ବାଘୁଣୀ ଅଙ୍କିତା ମାଆ ହୋଇଥିବାରୁ ଖୁସି ଦ୍ୱିଗୁଣିତ ହୋଇଯାଇଛି। ମହାବଳ ବାଘ ରହୁଥିବା ପଛ ପାଖ ୨୮ 'ଗ' ରେ ନିର୍ମିତ ସ୍ୱତନ୍ତ୍ର ଖୁଆଡ ମଧ୍ୟରେ ଅଙ୍କିତା ଦୁଇଟି ଶାବକକୁ ଜନ୍ମ ଦେଇଛି । ଗତ କାଲି ରାତି ୧୦ଟା ୧୨ ମିନିଟରେ ପ୍ରଥମଟି ଓ ଦ୍ୱିତୀୟ ଶାବକଟିକୁ ୧୦ଟା ୪୦ ମିନିଟରେ ଜନ୍ମ ଦେଇଛି । ଉଭୟ ଶିଶୁଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବାଘୁଣୀ ଅଙ୍କିତା ୨୦୧୨ ମସିହାରେ ନନ୍ଦନକାନନର ସାଧାରଣ ରଙ୍ଗର ବାଘୁଣୀ ସାରା ଓ ଧଳା ମହାବଳ ବାଘ ରିଷି ମିଳନରୁ ଜନ୍ମ ହୋଇଥିଲା । ଗତ ବର୍ଷ ଅକ୍ଟୋବର ୧ ତାରିଖରେ ହାଇଦ୍ରାବାଦ ଚିଡିଆଖାନାରୁ ଆସିଥିବା ମହାବଳ ବାଘ ସୈଫ୍ ସହ ମିଳନରୁ ସାଧାରଣ ଭାରତୀୟ ରଙ୍ଗର ଶାବକ ଦୁଇଟିକୁ ଜନ୍ମ ଦେଇଛି ଅଙ୍କିତା । ଏହାସହ ନନ୍ଦନକାନନରେ ମୋଟ ବାଘ ସଂଖ୍ୟା ୨୬କୁ ବୃଦ୍ଧି ହୋଇଛି । **(ପୃଷ୍ଠା-୭)**

ଦିଲ୍ଲୀରେ ଖଣି ସମ୍ପର୍କିତ ସମୀକ୍ଷା ବୈଠକ ଆସନ୍ତା ୧୬ରେ

ଭୁବନେଶ୍ୱର, ୧୩।୧ (ସକାଳ ଖବର): ଆସନ୍ତା ୧୬ ତାରିଖ ଦିନ ଦିଲ୍ଲୀ ଠାରେ ଓଡିଶାର ଖଣି ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । କେନ୍ଦ୍ର ଖଣି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଖଣି ସମ୍ପର୍କରେ ସମୀକ୍ଷା କରିବେ । ଏହି ବୈଠକରେ ଲୁହାପଥରର ଉତ୍ପାଦନ ବୃଦ୍ଧି ଓ ମୂଲ୍ୟ ସମ୍ପର୍କରେ ସମୀକ୍ଷା କରାଯିବ । ସେହିପରି ବେଆଇନ୍ ଖଣି ଉତୋଳନ କରୁଥିବା ଲିଜ୍ ଧାରୀଙ୍କ ସହିତ ମଧ୍ୟ ବୈଠକ କରାଯିବ । ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୩୧ ତାରିଖ ଜୋରିମାନା ଦାଖଲର ଶେଷ ଦିନ ଥିଲା। ୧୩୧ଟି ଖଣିକୁ ଜୋରିମାନା ପାଇଁ ନୋଟିସ୍ ଜାରୀ କରାଯାଇଥିଲା। ସେଥିମଧ୍ୟରୁ ୭୨ ଟି ଉତୋଳନ ହେଉଥିବା ଓ ଉତୋଳନ ହେଉନଥିବା ଖଣି ଲିଜ୍ ଧାରୀ ଜୋରିମାନା ଦେଇଥିଲେ । ସେଥିମଧ୍ୟରୁ ୪୦ଟି ଖଣିରୁ ଖଣି ଉତୋଳନ କରାଯାଉଛି। ବନ୍ଦ ହୋଇଥିବା ଖଣି ଲିଜ୍ ଧାରୀ ମାନଙ୍କୁ ଜୋରିମାନା ବାବଦରେ ୧ହଜାର କୋଟି ଟଙ୍କା ଦେବାକୁ କୁହାଯାଇଥିଲା । ସୁପ୍ରିମ୍ କୋର୍ଟର ନିର୍ଦ୍ଦେଶ ଆଧାରରେ ଖଣି ଲିଜ୍ ଧାରୀ ମାନଙ୍କ ଠାରୁ ଜୋରିମାନା ଆଦାୟ ନେଇ ନୋଟିସ୍ ଦିଆଯାଇଥିଲା ।

ସୁପ୍ରିମକୋର୍ଟ ବିବାଦ

ବିଚାରପତିଙ୍କୁ ଦେଖା କରିବେ ମୁଖ୍ୟବିଚାରପତି

ନୂଆଦିଲ୍ଲୀ, ୧୩।୧ (ସକାଳ ଖବର): ସୁପ୍ରିମକୋର୍ଟ ବିବାଦକୁ ନେଇ ବର୍ତ୍ତମାନ ସମ୍ପୂର୍ଣ୍ଣ ଦେଶ ଚିନ୍ତାରେ ପଡ଼ିଛି । ସୂତ୍ର ଅନୁସାରେ ମୁଖ୍ୟ ବିଚାରପତି ଦୀପକ ମିଶ୍ର ରବିବାର ଦିନ ଚାରି ଅଭିଯୋଗକାରୀ ବିଚାରପତିଙ୍କ ସହିତ ସାକ୍ଷାତ କରିପାରନ୍ତି । ବିଚାରପତି ଚେଲମେଶ୍ୱରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଶୁକ୍ରବାର ଦିନ ବିଚାରପତି ଚେଲମେଶ୍ୱରଙ୍କ ସହିତ ସାମ୍ବାଦିକ ସମ୍ମିଳନୀ କରିଥିବା ବାକି ତିନି ଜଣ ବିଚାରପତି ଦିଲ୍ଲୀ ବାହାରେ ଅଛନ୍ତି । ଏଭଳି ପରିସ୍ଥିତିରେ ବିଚାରପତି ଚେଲମେଶ୍ୱର ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ସହିତ ଦେଖା କରିବା ପାଇଁ ଇଚ୍ଛୁକ ନାହାନ୍ତି, ତେଣୁ କାଲି ସଂଧ୍ୟାରେ ମୁଖ୍ୟ ବିଚାରପତି ଅଭିଯୋଗକାରୀ ବିଚାରପତିଙ୍କ ସହିତ ଦେଖା କରିବେ । ଉଲ୍ଲେଖନୀୟ ଯେ ମୁଖ୍ୟ ବିଚାରପତି ନିଜ ବାସ ଭବନରେ ଉପସ୍ଥିତ ଅଛନ୍ତି । ଏହା ପୂର୍ବରୁ ନରେନ୍ଦ୍ର ମୋଦୀଙ୍କ ପ୍ରଧାନ ସଚିବ ନୃପେନ୍ଦ୍ର ମିଶ୍ରଙ୍କ ଗାଡ଼ି ଆଜି ମୁଖ୍ୟ ବିଚାରପତିଙ୍କ ଘର ସାମ୍ନାରେ ଦେଖା ଯାଇଥିଲା । କୁହାଯାଉଛି ଯେ ନୃପେନ୍ଦ୍ର ମିଶ୍ରଙ୍କ ଜଣେ ସହାୟକ ସିଜେଆଇଙ୍କ ଘରେ ପହଁଚିଥିଲେ ଓ କିଛି ସମୟ ମଧ୍ୟରେ ହିଁ ପୁଣି ଫେରିଗଲେ। ଏ ନେଇ ନୃପେନ୍ଦ୍ରମିଶ୍ର କହିଛନ୍ତି ଯେ ମୁଖ୍ୟ ବିଚାରପତିଙ୍କୁ ନୂତନ ବର୍ଷର ଗ୍ରିଟିଂ କାର୍ଡ ଦେବା ପାଇଁ ଯାଇଥିଲେ ।

ମୁମ୍ବାଇ ହେଲିକ୍ୟାପ୍ଟର ଦୁର୍ଘଟଣାରେ ୪ ଓଏନଜିସି ଅଧିକାରୀ ମୃତ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

ଭୁବନେଶ୍ୱର, ୧୩।୧ (ସକାଳ ଖବର): ମୁମ୍ବାଇ ଠାରେ ଘଟିଥିବା ପବନହଂସ ହେଲିକ୍ୟାପ୍ଟର ଦୁର୍ଘଟଣାରେ ପଥାଣ ହରାଇଥିବା ଓଏନଜିସିର ୭ ଜଣ ଅଧିକାରୀଙ୍କ ମଧ୍ୟରୁ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଏହି ଖବର ପାଇ ଓଡିଶାରେ ଥିବା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁମ୍ବାଇ ଗସ୍ତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ଶ୍ରୀ ପ୍ରଧାନ ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । କୋଷ୍ଟଗାର୍ଡ ଓ ନୌସେନାର ମିଳିତ ଉଦ୍ୟମରେ ଦୁର୍ଘଟଣାଗ୍ରସ୍ତ ହେଲିକ୍ୟାପ୍ଟରର ଭଗ୍ନାବଶେଷ ଠାବ କରାଯିବା ସହ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ମାନେ ସିଜେଏମ୍ ର୍ୟାଙ୍କର ଅଧିକାରୀ ଥିଲେ । ଶନିବାର ଦିନ ଜୁହୁ ଠାରୁ ଏହି ହେଲିକ୍ୟାପ୍ଟର ଉଡାଣ ଆରମ୍ଭ କରିଥିଲା ।

କାର୍‌ରୁ ୫୦ ଲକ୍ଷ ଟଙ୍କା ଜବତ, ବ୍ୟାଙ୍କ ମ୍ୟାନେଜର ସମେତ ୩ ଅଟକ

କେନ୍ଦୁଝର, ୧୩।୧ (ସକାଳ ଖବର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ବାସୁଦେବପୁର ଛକ ନିକଟରୁ ଶୁକ୍ରବାର ରାତିରେ ଏକ କାର୍ ରୁ ୫୦ ଲକ୍ଷ ଟଙ୍କା ଜବତ କରାଯାଇଛି । ଯୋଡ଼ା ଇଣ୍ଡସ ଲ୍ୟାଣ୍ଡ ବ୍ୟାଙ୍କ ମ୍ୟାନେଜରଙ୍କ ସହିତ ଦୁଇ ଜଣ କର୍ମଚାରୀ ଏହି ଟଙ୍କା ନେଇ ଯାଉଥିବା ବେଳେ ପୋଲିସ ଜାଲରେ ଫସିଛନ୍ତି । ପୋଲିସ ହାତରେ ଧରାପଡିଥିବା ବ୍ୟାଙ୍କ ମ୍ୟାନେଜର ମାନସ ରାଉତଙ୍କ **(ପୃଷ୍ଠା-୭)**

୪୦ ପିଲାଙ୍କୁ ନେଇ ଯାଉଥିବା ଡଙ୍ଗା ସମୁଦ୍ରରେ ଓଲଟିଲା

୪ ଜଣଙ୍କ ମୃତ୍ୟୁ, ଉଦ୍ଧାର କାର୍ଯ୍ୟ ଜାରି

ମୁମ୍ବାଇ, ୧୩।୧: ମହାରାଷ୍ଟ୍ରର ପାଲଘର ଜିଲ୍ଲାରେ ୪୦ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଡଙ୍ଗା ଶନିବାର ସମୁଦ୍ରରେ ଓଲଟି ପଡିଛି । ଏହି ଘଟଣାରେ ଏପର୍ଯ୍ୟନ୍ତ ୪ ଜଣ ପିଲାଙ୍କ ମୃତ୍ୟୁ ଘଟିଛି ଏବଂ ୨୫ ଜଣକୁ ଉଦ୍ଧାର କରାଯାଇଛି । ବାକି ପିଲା ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏହି ଘଟଣା ପାଲଘରର ଦହାନୁରେ ସମୁଦ୍ର କୂଳରୁ ୨ ନଟିକାଲ ମାଇଲ୍ସ ଭିତରରେ ଘଟିଛି । ସୂଚନା ମୁତାବକ ଡଙ୍ଗାରେ ୪୦ ପିଲା ଯାତ୍ରା କରୁଥିଲେ । ଏଏନଆଇ ମୁତାବକ ୪ ଜଣ ପିଲାଙ୍କ ମୃତ୍ୟୁ ଘଟିଛି । ଲୋକଙ୍କ ମୁତାବକ ଏହି ଘଟଣା ସାଢ଼େ ୧୧ଟାରେ ଘଟିଛିଛ ଆବଶ୍ୟକତାଠୁ ଅଧିକ ଲୋକ ଡଙ୍ଗାରେ ବସି ଯାତ୍ରା କରୁଥିବାର ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି । ପିଲାଙ୍କ ପାଖରେ ଲାଇଫ ଜ୍ୟାକେଟ୍ ମଧ୍ୟ ନଥିଲା । ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । କୋଷ୍ଟ ଗାର୍ଡ ଉଦ୍ଧାର କାର୍ଯ୍ୟ ପାଇଁ ଜାହାଜକୁ ଘଟଣାସ୍ଥଳକୁ ମୋଡିଛନ୍ତି । ଅନ୍ୟ ପଟେ ଡାମନରୁ ଡାର୍ନିୟର ଏୟାରକ୍ରାଫ୍ଟ ଏବଂ ହେଲିକପ୍ଟରକୁ ମଧ୍ୟ ଉଦ୍ଧାରକାର୍ଯ୍ୟରେ ନିୟୋଜିତ କରାଯାଇଛି ।

ମକର ସଂକ୍ରାନ୍ତିର
ଅବ୍ୟବହିତ ପୂର୍ବରୁ
ଶ୍ରୀମନ୍ଦିର ଦଧିନଉତି
ସଫା କରାଯାଉଛି ।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।

ହୁଣ୍ଡିର ଆୟ (୧୩.୧୧.୧୭)
୪,୪୫,୦୨୭

ପେଟ୍ରୋଲ-ଡିଜେଲ ହେବ ଶସ୍ତା !

- ବଜେଟ୍ ପୂର୍ବରୁ ମିଳିପାରେ ବଡ଼ ଉପହାର
- ଜିଏସଟି ଅନ୍ତର୍ଗତ ଆସିବ ରିଏଲ ଇଷ୍ଟେଟ୍
- ହ୍ରାସ ପାଇବ ଟ୍ୟାକ୍ସ ସ୍ଲାବ

ନୂଆଦିଲ୍ଲୀ, ୧୩।୧ : ସାଧାରଣ ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ମୋଦୀ ସରକାର ଜାନୁଆରୀ ୧୮ରେ ଜିଏସଟି ପରିଷଦର ବୈଠକ ଡକାଇବାକୁ ଯାଉଛନ୍ତି । ବଜେଟର କିଛିଦିନ ପୂର୍ବରୁ ହେବାକୁ ଏହି ବୈଠକରେ ଅନେକ ନିଷ୍ପତ୍ତି ନିଆଯାଇ ପାରେ । ନୂତନ ବର୍ଷରେ ହେବାକୁ ଥିବା ଜିଏସଟି ପରିଷଦର ଏହି ବୈଠକରେ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ଅଧିନକୁ ଆଣିବା ସହିତ ଅନେକ ମହତ୍ତ୍ୱପୂର୍ଣ୍ଣ ଦାବି ଉପରେ ନିଷ୍ପତ୍ତି ନିଆଯାଇ ପାରେ । ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧିକୁ ଦେଖି ଜିଏସଟି ପରିଷଦ ଏହି ଦୁଇ ତୈଳ ଦରକୁ ଜିଏସଟି ଅନ୍ତର୍ଗତ ଆଣିବାକୁ ବିଚାର କରାଯାଉଛି । ଯଦି ଏମିତି ହୁଏ ତେବେ ସାଧାରଣ ଜନତାଙ୍କ ପାଇଁ ପେଟ୍ରୋଲ ଓ ଡିଜେଲ ଦର ବହୁତ ଶସ୍ତା ହୋଇଯିବ । ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ସହିତ ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପେଟ୍ରୋଲ ଓ ଡିଜେଲକୁ ଜିଏସଟି ଅଧିନକୁ ଆଣିବା ପାଇଁ ଦାବି କରି ସାରିଛନ୍ତି । ଏବେ ପେଟ୍ରୋଲ ଓ ଡିଜେଲ ଦର ରେକର୍ଡ ସ୍ତରରେ ରହିଛି । ଦିଲ୍ଲୀରେ ଡିଜେଲ ଲିଟର ପ୍ରତି ୬୦ ଟଙ୍କା ଉପରେ ରହିଛି । ପେଟ୍ରୋଲ ଦର ମଧ୍ୟ ପାଖାପାଖି ୮୦ ଟଙ୍କାର ରହିଛି । ବର୍ତ୍ତମାନ ମୁମ୍ବାଇରେ ପଟ୍ରୋଲ ଦର ଲିଟର ପ୍ରତି ୭୭ ଟଙ୍କା ରହିଛି । ବଜେଟର ଠିକ୍ ପୂର୍ବରୁ ହେବାକୁ ଥିବା ବୈଠକରେ ଏବେ ଦେଖିବା ବାକି ରହିଲା ଯେ କଣ ପରିଷଦ ଜନତାଙ୍କୁ ବଡ଼ ଉପହାର ଦେବେ କି ବଡ଼ ଘୋଷଣା ପାଇଁ ବଜେଟକୁ ଅପେକ୍ଷା କରିବାକୁ ପଡ଼ିବ । ବୈଠକରେ ରିଏଲ ଇଷ୍ଟେଟକୁ ଜିଏସଟି ଅଧିନକୁ ଆଣିବା ଉପରେ ମଧ୍ୟ ନିଷ୍ପତ୍ତି ନିଆଯାଇ ପାରେଛ ନିଜେ ଅର୍ଥ ମନ୍ତ୍ରୀ ଏହାର ସଙ୍କେତ ମଧ୍ୟ ଦେଇ ସାରିଛନ୍ତି । ବୈଠକରେ ଆଉ ଏକ ମହତ୍ପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ପାରେ । ଏହା ହେଉଛି ଜିଏସଟିର ଟ୍ୟାକ୍ସ ସ୍ଲାବକୁ କମ୍ କରିବାଛ ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ ସହିତ ଅନ୍ୟ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଜିଏସଟିର ବର୍ତ୍ତମାନର ଟ୍ୟାକ୍ସ ସ୍ଲାବକୁ କମ କରାଯାଇ ପାରେ ବୋଲି କହି ସାରିଛନ୍ତି । **(ପୃଷ୍ଠା-୭)**

ବିଶାଖାପାଟଣା ପୋଲିସ ତଥ୍ୟ ସଂଗ୍ରହ କରି ଆନ୍ଧ୍ର ଫେରିଲେ

ଭୁବନେଶ୍ୱର, ୧୩।୧ (ସକାଳ ଖବର):ବିଶାଖାପାଟଣାର ଶ୍ରୀଚୈତନ୍ୟ ଇଂରାଜୀ ମିଡ଼ିୟମ ସ୍କୁଲର ଓଡ଼ିଆ ଛାତ୍ର ସହପାଠୀଙ୍କ ଦ୍ୱାରା ରାଗିଂର ଶିକାର ସହୋଇ ଶେୟସଙ୍କର

ଶ୍ରେୟସ୍ ମୃତ୍ୟୁ ମାମଲା

ମୃତ୍ୟୁ ଘଟଣା ତଦନ୍ତ କରିବାକୁ ଓଡ଼ିଶା ଆସିଥିବା ବିଶାଖାପାଟନମ ପୋଲିସ ତଦନ୍ତ ସାରି ଫେରିଯାଇଛନ୍ତି । ଦୁଇଦିନ ଧରି ଓଡ଼ିଶାରେ ତଦନ୍ତ କରିଥିଲେ । ଫେରିଯିବା ପୂର୍ବରୁ **(ପୃଷ୍ଠା-୭)**

ଛୁଟି ଘୋଷଣା

ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ସକାଳ କାର୍ଯ୍ୟାଳୟ ୧୪ ତାରିଖରେ ବନ୍ଦ ରହୁଥିବାରୁ ଦୈନିକ 'ସକାଳ' ପ୍ରକାଶ ପାଇବ ନାହିଁ । ପରବର୍ତ୍ତୀ ସଂସ୍କରଣ ୧୬ ତାରିଖରେ ପ୍ରକାଶ ପାଇବ ।

ପରିଚାଳକ

ଶୁଭେଚ୍ଛା

ପବିତ୍ର ମକର ସଂକ୍ରାନ୍ତି ଅବସରରେ 'ସକାଳ'ତାର ଅଗଣିତ ପାଠକ, ବିଜ୍ଞାପନ ଦାତା ଓ ଶୁଭେଚ୍ଛୁ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରୁଛି ।

ସଂପାଦକ

[illegible]

[illegible] 13›1 [illegible]

[illegible]

[illegible] 13›1 [illegible] 60 [illegible]

[illegible] 13›1 [illegible] 2017 [illegible] 13 [illegible] 70 [illegible]

4$ [illegible] 8þ [illegible]

[illegible]

[illegible] 13›1 [illegible] 4$ [illegible] 8þ [illegible]

[illegible]

[illegible] 13›1 [illegible] 17 [illegible] 132 [illegible] 67 [illegible] 20 [illegible] 8 [illegible] 165 [illegible]

[illegible] 10 [illegible]

[illegible] 13›1 [illegible] 10 [illegible] 120 [illegible] 10 [illegible] 10 [illegible]

Courtsey : All owners Associations of Rice Mill, Rayagada

Suresh Chandra Samal
91-9437181869

Authorized Dealer
M/s Mahabir Traders
J.K. Pur, Raygada
Pin : 765017, Odisha
mahabirtradersjkpur@gmail.com

[illegible]

SUN & SUN JEWELLERS

Paradise of Gold & Silver Ornaments
(Exclusive Jewellers A/C) Show Room)

PARTNER :
K. MOHANRAO, K.JAGADESWARI,
V.SANMUKHA RAO, B.GANESH



Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com
Editor - Amit Kumar Mallick